Odisha Teacher Eligibility Test

# OTET QUESTION PAPER 2013 I (1st)

Techofworld.In

**No. of Questions : 150**

## OTET 2013 (1st)

**SET-A**

**TIME : 1 HOUR 30 MINUTES**

## PAPER-II

**FULL MARKS : 150**

**Roll No.** | | | | | | | |

### ନିର୍ଦ୍ଦେଶାବଳୀ

୧ । ଉକ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହ ପଢ଼ ।

୨ । ପରୀକ୍ଷାର୍ଥୀଙ୍କର ପ୍ରାର୍ଥିତ୍ୱ ସାମୟିକ (ଅସ୍ଥାୟୀ) । ଯଦି କୌଣସି ପରୀକ୍ଷାର୍ଥୀ ଫର୍ମ ପୂରଣ କରିବା ସମୟରେ ଦେଇଥିବା ତଥ୍ୟ ଭୁଲ, ମିଥ୍ୟା କିମ୍ବା ଅସମ୍ପୂର୍ଣ୍ଣ ପ୍ରମାଣିତ ହୁଏ, ତେବେ ପ୍ରାର୍ଥିତ୍ୱ ନାକଚ ହୋଇଯିବ ।

୩ । ପରୀକ୍ଷା ଦେବା ପାଇଁ ପ୍ରବେଶ ପତ୍ର ଓ ପ୍ରାପ୍ତିସ୍ୱୀକାର ପତ୍ର ସଙ୍ଗରେ ଆଣନ୍ତୁ । ପରୀକ୍ଷା ଗୃହରେ ଆବଶ୍ୟକ ସ୍ଥଳେ ଏହାକୁ ଉପସ୍ଥାପନ କରନ୍ତୁ ।

୪ । ଦୟାପୂର୍ବକ ଉପସ୍ଥାନ ଫର୍ଦ୍ଦରେ ନିରୀକ୍ଷକଙ୍କ ଉପସ୍ଥିତିରେ ନିଜର ପୂର୍ଣ୍ଣ ଦସ୍ତଖତ କରନ୍ତୁ ।

୫ । ଓ.ଏମ୍.ଆର୍. ଫର୍ଦ୍ଦରେ ଥିବା ବୃତ୍ତକୁ କଳା କିମ୍ବା ନୀଳରଙ୍ଗର ବଲ୍ ପଏଣ୍ଟ କଲମରେ ସମ୍ପୂର୍ଣ୍ଣ ରୂପେ କଳା/ ନୀଳ କରନ୍ତୁ ।

୬ । ନିଜର **ରୋଲ ନମ୍ବର** ନିର୍ଦ୍ଧାରିତ କୋଠରିରେ ଠିକ୍‌ଭାବେ ଲେଖନ୍ତୁ ।

୭ । ଏହି ପ୍ରଶ୍ନପତ୍ର ପୁସ୍ତିକାଟି ନିର୍ଦ୍ଦେଶ ନ ପାଇବା ପୂର୍ବରୁ ଖୋଲନ୍ତୁ ନାହିଁ ।

୮ । କେବଳ କଲମ ଓ ପେନ୍‌ସିଲ୍ ବ୍ୟତୀତ ଅନ୍ୟ କୌଣସି ଜିନିଷ ପରୀକ୍ଷା ଗୃହ ଭିତରକୁ ନିଅନ୍ତୁ ନାହିଁ ।

୯ । ଇଲୋକ୍ଟ୍ରୋନିକ୍ ଯନ୍ତ୍ରାଦି; ଯଥା– କାଲ୍‌କୁଲେଟର, ସ୍ଲାଇଡ୍ ରୁଲର, ମୋବାଇଲ୍ ଫୋନ୍, ଲଗ୍ ଟେବୁଲ, କ୍ୟାମେରା ଇତ୍ୟାଦି ପରୀକ୍ଷା ଗୃହକୁ ନେବା ନିଷିଦ୍ଧ ।

୧୦ । ଏହି ପୁସ୍ତିକାରେ ଲିଖିତ ପୃଷ୍ଠା ସଂଖ୍ୟା, ପ୍ରଶ୍ନସଂଖ୍ୟା ଏବଂ ପୁସ୍ତିକା ନମ୍ବର ଭଲ ଭାବରେ ଯାଞ୍ଚ କରିନିଅନ୍ତୁ । ଯଦି କିଛି ତ୍ରୁଟି ଥାଏ ତେବେ ପାଞ୍ଚ ମିନିଟ୍ ଭିତରେ ଏହା ବଦଳରେ ଅନ୍ୟ ଏକ ପୁସ୍ତିକା ନିରୀକ୍ଷକଙ୍କଠାରୁ ମାଗି ନିଅନ୍ତୁ । ପାଞ୍ଚ ମିନିଟ୍ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ ।

୧୧ । କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଶେଷ ହେବା ପୂର୍ବରୁ ପରୀକ୍ଷା ଗୃହ ଛାଡ଼ିଯିବାକୁ ଅନୁମତି ଦିଆଯିବ ନାହିଁ ।

୧୨ । ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍ ୧୯୮୮ ଅନୁସାରେ ପରୀକ୍ଷା ଗୃହରେ ଶୃଙ୍ଖଳା ରଖିବାକୁ ହେବ ।

୧୩ । ପରୀକ୍ଷା ନିୟମ ଭଙ୍ଗ କଲେ, ପ୍ରାର୍ଥିତ୍ୱ ନାକଚ କରିଦିଆଯିବ ।

୧୪ । ପରୀକ୍ଷାର ଶେଷ ୨୦ ମିନିଟ୍ ମଧ୍ୟରେ ପରୀକ୍ଷାର୍ଥୀମାନେ ଶୌଚାଳୟକୁ ଯାଇ ପାରିବେ ନାହିଁ ।

### INSTRUCTIONS

1. Read the instructions carefully.
2. The admission to the examination is provisional. In the event of any information furnished by the candidate found false / in-correct / incomplete or illegible detected at any stage, the candidature shall be rejected.
3. Please bring the admit card and the acknowledgement card for admission to the examination and produce the same as and when required.
4. Please put your full signature in the descriptic roll-sheet in presence of the invigilator.
5. **Darken the circles in the OMR Sheets with Blue / Black ball point pen only.**
6. Write your **Roll No.** correctly in the space provided.
7. Do not open this Booklet until instructed.
8. Do not take any other materials to the examination hall other than pen and pencil.
9. Electronic devices such as calculators, Slide rulers, cell phones, log tables, camera etc. not to be taken to the examination hall.
10. Please check the No. of printed pages, Question Booklet Serial No. and in case of any discrepancy, exchange the same within **five minutes** and thereafter no complaint shall be entertained.
11. No candidate shall be permitted to leave the examination hall until the examination is over.
12. Discipline must be maintained in the examination hall as per the Odisha conduct of Examination Act 1988.
13. The candidature **is liable for rejection** in the event of any infringement of the instructions mentioned above.
14. The candidates are not allowed to go to toilet during the last twenty minutes of the examination.

Techofworld.In

# ଶିଶୁ ବିକାଶ ଓ ଶିକ୍ଷା
# CHILD DEVELOPMENT AND PEDAGOGY

ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ଫର୍ମର ସଂପୃକ୍ତ ବୃତ୍ତଟିକୁ କଳା/ନୀଳ ବଲ୍ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ ଭାବେ କଳା/ନୀଳ କର ।

**Each question has four possible / probable answers. Choose the correct answer from among them and darken the appropriate circle in the OMR Sheet with Blue / Black ball point pen.**

1. ଶିକ୍ଷା ମନୋବିଜ୍ଞାନ ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଶିକ୍ଷକଙ୍କର କି ଲାଭ ହୁଏ ?
   (A) ବିଷୟଗତ ଜ୍ଞାନର ଅଭିବୃଦ୍ଧି ଘଟେ
   (B) ସାମାଜିକ ପ୍ରତିଷ୍ଠା ଲାଭ କରନ୍ତି
   (C) ବିଚାର ଓ ଚିନ୍ତନ ଶକ୍ତିର ବିକାଶ ଘଟେ
   (D) ଶିକ୍ଷାର୍ଥୀଙ୍କୁ ବୁଝିବା ଶକ୍ତିର ବିକାଶ ଘଟେ

2. ବସ୍ତୁନିଷ୍ଠ ପ୍ରଶ୍ନ କାହାକୁ କୁହାଯାଏ ?
   (A) ଯେଉଁ ପ୍ରଶ୍ନ ଏକ ନିର୍ଦ୍ଦିଷ୍ଟ ଶିକ୍ଷଣ ଉଦ୍ଦେଶ୍ୟ ମାପ କରେ
   (B) ଯେଉଁ ପ୍ରଶ୍ନ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ମାପ କରେ
   (C) ଯେଉଁ ପ୍ରଶ୍ନର ମାତ୍ର ଗୋଟିଏ ନିର୍ଦ୍ଦିଷ୍ଟ ଉତ୍ତର ଥାଏ
   (D) ଯେଉଁ ପ୍ରଶ୍ନ ଏକାଧିକ ଶିକ୍ଷଣ ଉଦ୍ଦେଶ୍ୟ ମାପ କରେ

3. ଶ୍ରେଣୀ ପ୍ରମୋଶନ ନିମନ୍ତେ ମୁଖ୍ୟତଃ କେଉଁ ପରୀକ୍ଷଣ ବ୍ୟବହାର କରାଯାଇଥାଏ ?
   (A) କୃତୀ ପରୀକ୍ଷଣ
   (B) ଅଭିଯୋଗ୍ୟତା ପରୀକ୍ଷଣ
   (C) ବ୍ୟାବହାରିକ ପରୀକ୍ଷଣ
   (D) ବାଚିକ ପରୀକ୍ଷଣ

4. କିଏ ଶିକ୍ଷଣ ଉଦ୍ଦେଶ୍ୟର ବର୍ଗୀକରଣ କରିଥିଲେ ?
   (A) ବ୍ଲୁମ୍ (B) ଗିଲ୍‌ଫୋର୍ଡ
   (C) ଗାଲ୍‌ଟନ୍ (D) ପିଆଜେ

5. ଜଣେ ଶିକ୍ଷକ ଦଶଟି ଗଣିତ ପ୍ରଶ୍ନ ପ୍ରସ୍ତୁତ କରି ଗୋଟିଏ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ଉପରେ ଭିନ୍ନ ଭିନ୍ନ ସମୟରେ ପରୀକ୍ଷା କରି ଦେଖିଲେ ଯେ, ପ୍ରତ୍ୟେକଙ୍କର ନମ୍ବରର ପ୍ରାୟ ସ୍ଥିରତା ରହୁଛି । ଏହା ପ୍ରଶ୍ନ ପ୍ରସ୍ତୁତିର କେଉଁ ବୈଶିଷ୍ଟ୍ୟକୁ ସୂଚାଉଛି ?
   (A) ବୈଧତା (B) ବିଶ୍ୱସନୀୟତା
   (C) ବ୍ୟବହାର ଉପଯୋଗିତା (D) ବସ୍ତୁନିଷ୍ଠତା

6. ମାଷ୍ଟରି ଶିକ୍ଷଣ ବ୍ୟବସ୍ଥାରେ ନିମ୍ନୋକ୍ତ କେଉଁଟିକୁ ନିୟନ୍ତ୍ରଣ କରାଯାଇଥାଏ ?
   (A) ଶିକ୍ଷାଦାନ ସମୟ (B) ଶିକ୍ଷାଦାନ ବିଷୟ
   (C) ନ୍ୟୂନତମ ଶିକ୍ଷଣ ସ୍ତର (D) ଶିକ୍ଷଣ ଉଦ୍ଦେଶ୍ୟ

7. ଶିକ୍ଷାଦାନ ସମୟରେ କରାଯାଉଥିବା ପରୀକ୍ଷା କେଉଁ ପ୍ରକାର ମୂଲ୍ୟାୟନ ?
   (A) ଗଠନାତ୍ମକ (B) ସମାପ୍ତିସୂଚକ
   (C) ବ୍ୟବସ୍ଥାନ (D) ନୈଦାନିକ

8. ଜଣେ ଶିଶୁର ବୁଦ୍ଧ୍ୟାଙ୍କ 100 ଓ ମାନସିକ ବୟସ 6 ବର୍ଷ ହେଲେ ଶିଶୁଟିକୁ କେଉଁ ଶ୍ରେଣୀରେ ନାମ ଲେଖାଇବା ଠିକ୍ ହେବ ?
   (A) ପ୍ରାକ୍ ପ୍ରାଥମିକ (B) ଶିଶୁ ବିକାଶ କେନ୍ଦ୍ର
   (C) ପ୍ରଥମ ଶ୍ରେଣୀ (D) ଦ୍ୱିତୀୟ ଶ୍ରେଣୀ

9. ଗୋଟିଏ ଉଦ୍ଦୀପକ ପ୍ରତି ଜଣେ ବ୍ୟକ୍ତି ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ କଲା । ଏହା ନିମ୍ନୋକ୍ତ କେଉଁଟିକୁ ସୂଚାଉଛି ?
   (A) ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ତାରତମ୍ୟ
   (B) ଉଦ୍ଦୀପକ-ସମୟର ତାରତମ୍ୟ
   (C) ବ୍ୟକ୍ତିଗତ ତାରତମ୍ୟ
   (D) ଉପରୋକ୍ତ ମଧ୍ୟରୁ କୌଣସି ନୁହେଁ

10. ଗୋଟିଏ ପ୍ରଶ୍ନକୁ ଯେଉଁ ଶୈକ୍ଷିକ ଉଦ୍ଦେଶ୍ୟ ମାପ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଥାଏ, ଯଦି ତାହା ସେହି ଉଦ୍ଦେଶ୍ୟ ମାପ କରିଥାଏ, ତେବେ ତାହା ପ୍ରଶ୍ନର କେଉଁ ଗୁଣକୁ ସୂଚାଇଥାଏ ?
    (A) ନିର୍ଭରଯୋଗ୍ୟତା (B) ବସ୍ତୁନିଷ୍ଠତା
    (C) ବୈଧତା (D) ବ୍ୟବହାର ଉପଯୋଗିତା

11. ବୃଦ୍ଧି ଓ ବିକାଶର କେଉଁ ଅବସ୍ଥାକୁ ଚାପ ଓ ତାଡ଼ନା ଅବସ୍ଥା (period of stress and strain) କୁହାଯାଏ ?

(A) ବାଲ୍ୟାବସ୍ଥା (B) ପ୍ରାନ୍ତ ବାଲ୍ୟାବସ୍ଥା

(C) କୈଶୋରାବସ୍ଥା (D) ପ୍ରୌଢ଼ାବସ୍ଥା

12. ଶିଶୁର ବୌଦ୍ଧିକ ବିକାଶ ମୁଖ୍ୟତଃ ଚାରୋଟି ପର୍ଯ୍ୟାୟ ଦେଇ ସଂଗଠିତ ହୋଇଥାଏ– ଏହା ଉପରେ କିଏ ପରୀକ୍ଷା କରିଥିଲେ ?

(A) ସ୍କିନର୍ (B) ପିଆଜେ

(C) କୋହଲ୍‌ବର୍ଗ (D) ରିକ୍‌ସନ୍

13. ଜଣେ ଆଦର୍ଶ ଶିକ୍ଷକ ନିମ୍ନୋକ୍ତ କେଉଁଟି ଉପରେ ଗୁରୁତ୍ୱ ଦେବା ଉଚିତ ?

(A) ଉଦ୍ଦେଶ୍ୟ-ଭିତ୍ତିକ ଶିକ୍ଷାଦାନ

(B) କାର୍ଯ୍ୟ-ଭିତ୍ତିକ ଶିକ୍ଷାଦାନ

(C) ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷାଦାନ

(D) ଉପରୋକ୍ତ ସମସ୍ତ

14. ମାନକୀକୃତ-ପରୀକ୍ଷଣ ପ୍ରଶ୍ନ ପ୍ରସ୍ତୁତି ନିମନ୍ତେ କେଉଁ କ୍ରମଟି ଠିକ୍ ?

(A) ବିଷୟ ଚୟନ-ଶିକ୍ଷଣ ଉଦ୍ଦେଶ୍ୟ ସ୍ଥିର କରିବା- ପ୍ରଶ୍ନ ନକ୍‌ସା ପ୍ରସ୍ତୁତି- ପ୍ରଶ୍ନର ଗଠନ

(B) ବିଷୟ ଚୟନ-ପ୍ରଶ୍ନ ନକ୍‌ସା ପ୍ରସ୍ତୁତି- ଶିକ୍ଷଣ ଉଦ୍ଦେଶ୍ୟ ସ୍ଥିର କରିବା- ପ୍ରଶ୍ନ ପ୍ରସ୍ତୁତି

(C) ପ୍ରଶ୍ନ ନକ୍‌ସା ପ୍ରସ୍ତୁତି- ଶିକ୍ଷଣ ଉଦ୍ଦେଶ୍ୟ ସ୍ଥିର କରିବା- ବିଷୟ ଚୟନ- ପ୍ରଶ୍ନ ପ୍ରସ୍ତୁତି

(D) ଶିକ୍ଷଣ ଉଦ୍ଦେଶ୍ୟ ସ୍ଥିର କରିବା- ପ୍ରଶ୍ନ ନକ୍‌ସା ପ୍ରସ୍ତୁତି- ପ୍ରଶ୍ନ ଗଠନ- ପ୍ରଶ୍ନ ବିଶ୍ଳେଷଣ

15. ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କର ସମୟାନୁବର୍ତ୍ତିତା ଅନୁଧ୍ୟାନ ନିମନ୍ତେ କେଉଁଟି ମୁଖ୍ୟତଃ ବ୍ୟବହାର କରାଯାଇଥାଏ ?

(A) ଚେକ୍ ଲିଷ୍ଟ (B) ସାକ୍ଷାତକାର

(C) ରେଟିଙ୍ଗ ସ୍କେଲ୍ (D) ପ୍ରଶ୍ନଗୁଚ୍ଛ

16. ବ୍ୟକ୍ତି-ଅଧ୍ୟୟନ ପାଇଁ ନିମ୍ନୋକ୍ତ କେଉଁ ତଥ୍ୟ ସଂଗ୍ରହ କରାଯାଏ ?

(A) ସାଙ୍ଗସାଥୀଙ୍କ ସହ ସମ୍ପର୍କ

(B) ପଡ଼ୋଶୀଙ୍କ ସହ ସମ୍ପର୍କ

(C) ସହପାଠୀଙ୍କ ସହ ସମ୍ପର୍କ

(D) ଉପରୋକ୍ତ ସମସ୍ତ

17. ଶିକ୍ଷଣ କେଉଁ ପ୍ରକ୍ରିୟାକୁ ବୁଝାଏ ?

(A) ଆଚରଣଗତ ପରିବର୍ତ୍ତନ ପ୍ରକ୍ରିୟା

(B) ଗୁଣାତ୍ମକ ବିକାଶ ପ୍ରକ୍ରିୟା

(C) ଅଭ୍ୟାସମୂଳକ ପ୍ରକ୍ରିୟା

(D) ଉପରୋକ୍ତ ସମସ୍ତ

18. ଶିକ୍ଷଣ କ୍ଷେତ୍ରରେ ଅଭିପ୍ରେରଣାର କାର୍ଯ୍ୟ କ'ଣ ?

(A) ଆଚରଣକୁ ଲକ୍ଷ୍ୟାଭିମୁଖୀ କରିବା

(B) ଆଚରଣକୁ ଶୃଙ୍ଖଳିତ କରିବା

(C) ଆଚରଣକୁ ସକ୍ରିୟ କରିବା

(D) ଉପରୋକ୍ତ ସମସ୍ତ

19. ଜଣେ ଶିକ୍ଷକ କାଗଜର ବ୍ୟବହାର କ'ଣ ବୋଲି ପିଲାମାନଙ୍କୁ ପଚାରିଲେ । ଜଣେ ଛାତ୍ର ୧୦ ରୁ ୧୫ଟି ପ୍ରୟୋଗାତ୍ମକ ବ୍ୟବହାରର ଉଦାହରଣ ଦେଲା । ଏହା ଛାତ୍ରର କି ପ୍ରକାର ଚିନ୍ତନ ପ୍ରକ୍ରିୟା ?

(A) କେନ୍ଦ୍ରାପସାରୀ (B) କେନ୍ଦ୍ରାଭିମୁଖୀ

(C) ନିୟନ୍ତ୍ରିତ (D) କାଳ୍ପନିକ

20. ନିମ୍ନସ୍ଥ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ବିକାଶ ପାଇଁ ପ୍ରଯୁଜ୍ୟ ନୁହେଁ ?

(A) ବିକାଶ ଏକ ଜୀବନବ୍ୟାପୀ ପ୍ରକ୍ରିୟା

(B) ଶାରୀରିକ ପରିପକ୍ୱତା ହିଁ ବିକାଶ

(C) ବିକାଶ ଗୁଣାତ୍ମକ ତଥା ପରିମାଣାତ୍ମକ ଅଟେ

(D) ବିକାଶ ବ୍ୟକ୍ତି-କୈନ୍ଦ୍ରିକ ଅଟେ

21. ଅନଗ୍ରସର ଶିକ୍ଷାର୍ଥୀମାନଙ୍କ ଶିକ୍ଷା ନିମନ୍ତେ କି ପଦକ୍ଷେପ ନିଆଯିବା ଉଚିତ ?

(A) ସ୍ୱତନ୍ତ୍ର ଶ୍ରେଣୀଗୃହ

(B) ସ୍ୱତନ୍ତ୍ର ପାଠ୍ୟକ୍ରମ

(C) ସ୍ୱତନ୍ତ୍ର ଶିକ୍ଷାଦାନ ପଦ୍ଧତି

(D) ଉପରୋକ୍ତ ସମସ୍ତ

22. "Hit the Iron when it is hot" – ଏହା କେଉଁ ଶିକ୍ଷଣ ନିୟମ ଉପରେ ଆଧାରିତ ?

(A) ପ୍ରସ୍ତୁତି ନିୟମ

(B) ଅନୁଶୀଳନ ନିୟମ

(C) ଫଳାଫଳ

(D) ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ

23. ଶିକ୍ଷାଦାନ ପଦ୍ଧତି ଦୃଷ୍ଟିରୁ କେଉଁ କ୍ରମଟି ଠିକ୍ ?

(A) ପ୍ରସଙ୍ଗୀକରଣ–ବ୍ୟାଖ୍ୟାକରଣ–ପୂର୍ବଜ୍ଞାନ ପରୀକ୍ଷା – ମୂଲ୍ୟାୟନ

(B) ପ୍ରସଙ୍ଗୀକରଣ – ଉପସ୍ଥାପନା – ପୂର୍ବଜ୍ଞାନ ପରୀକ୍ଷା –ମୂଲ୍ୟାୟନ

(C) ପୂର୍ବଜ୍ଞାନ ପରୀକ୍ଷା – ପ୍ରସଙ୍ଗୀକରଣ – ନୂତନ ଜ୍ଞାନ ପ୍ରଦାନ – ମୂଲ୍ୟାୟନ

(D) ପ୍ରସଙ୍ଗୀକରଣ – ନୂତନ ଜ୍ଞାନ ପ୍ରଦାନ – ମୂଲ୍ୟାୟନ – ବ୍ୟାଖ୍ୟାକରଣ

24. ପ୍ରତିଭାବାନ ବିଦ୍ୟାର୍ଥୀମାନଙ୍କର ବୌଦ୍ଧିକ ବିକାଶ ନିମନ୍ତେ ଶିକ୍ଷକ କ'ଣ କରିବା ଉଚିତ୍ ?

(A) ଜିଜ୍ଞାସାମୂଳକ ପ୍ରଶ୍ନ ପଚାରିବେ

(B) କେନ୍ଦ୍ରାପସାରୀ ଚିନ୍ତନ ପାଇଁ ସୁଯୋଗ ଦେବେ

(C) ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ପ୍ରଶ୍ନ ପଚାରିବେ

(D) ଉପରୋକ୍ତ ସମସ୍ତ

25. ଗଠନାତ୍ମକ ମୂଲ୍ୟାୟନ ନିମନ୍ତେ କେଉଁଟିର ବ୍ୟବହାର କରାଯାଏ ନାହିଁ ?

(A) ଗୃହକାର୍ଯ୍ୟ (B) ରେଟିଂ ସ୍କେଲ

(C) ପ୍ରଶ୍ନଗୁଚ୍ଛ (D) ଏକକ ପରୀକ୍ଷଣ

26. କାର୍ଯ୍ୟଭିତ୍ତିକ ଶିକ୍ଷାଦାନ ବ୍ୟବସ୍ଥାରେ –

(A) ଶିକ୍ଷାର୍ଥୀ ସକ୍ରିୟ ରହନ୍ତି

(B) ଶିକ୍ଷଣ ଆନନ୍ଦଦାୟକ ହୁଏ

(C) ଶିକ୍ଷଣ ଲକ୍ଷ୍ୟାଭିମୁଖୀ ହୁଏ

(D) ଉପରୋକ୍ତ ସମସ୍ତ

27. ପ୍ରଥମେ କିଏ ବୁଦ୍ଧି ପରୀକ୍ଷା ପାଇଁ ଦୁଇଟି ସମାନ୍ତର ପରୀକ୍ଷଣ ପ୍ରସ୍ତୁତ କରିଥିଲେ ?

(A) ବିନେ ଓ ସାଇମନ୍

(B) ବିନେ ଓ ଟରମାନ୍

(C) ଟରମାନ୍ ଓ ମେରିଲ୍

(D) ବିନେ ଓ ମେରିଲ୍

28. ନିମ୍ନଲିଖିତ ମଧ୍ୟରୁ କେଉଁଟି ଚିତ୍ରଣ (projected) ଛବି ନୁହେଁ ?

(A) ମାନଚିତ୍ର (B) ଚଳଚ୍ଚିତ୍ର

(C) ଫ୍ଲାନେଲ୍ ପଟା (D) ସ୍ଥିର ଛବି

29. ନିମ୍ନୋକ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷା ବ୍ୟବସ୍ଥା ପାଇଁ ପ୍ରଯୁଜ୍ୟ ନୁହେଁ ?

(A) ଶିକ୍ଷାର୍ଥୀର ଶିକ୍ଷଣ ଦକ୍ଷତା ହାସଲ ଉପରେ ଗୁରୁତ୍ୱ ଦିଆଯାଇଥାଏ

(B) ଶିକ୍ଷକ ଶିକ୍ଷଣ-ସହାୟକ ହିସାବରେ କାମ କରିଥା'ନ୍ତି

(C) ବିଦ୍ୟାଳୟରେ ଶିକ୍ଷାର୍ଥୀର ଉପସ୍ଥିତି ଉପରେ ଗୁରୁତ୍ୱ ଦିଆଯାଇଥାଏ

(D) ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥାଏ

30. କିଏ ତାଙ୍କ ଶିକ୍ଷଣ ତତ୍ତ୍ୱ ଉପସ୍ଥାପନ ପାଇଁ ଗୋଟିଏ ବିରାଡ଼ି ନେଇ ପରୀକ୍ଷା କରିଥିଲେ ?

(A) ପାଭ୍‌ଲଭ୍ (B) ଥର୍ଣ୍ଡାଇକ୍

(C) ସ୍କିନର୍ (D) କୋହଲର୍

## VIII. (ODIA)

Techofworld.In

**ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ନିମ୍ନଲିଖିତ ପ୍ରଶ୍ନ (ନଂ ୩୧ ରୁ ୩୫ ପର୍ଯ୍ୟନ୍ତ) ଗୁଡ଼ିକର ଉତ୍ତର ଦିଅ :**

ଚରିତ୍ରର ବଳ ଅନନ୍ତ । ସେ ବଳ ପାଖେ ଅନ୍ୟ ବଳ, ବଳ ନୁହେଁ । ମନୁଷ୍ୟ ଯାହା ହେବ, ବା ଯାହା କରିବ, ସବୁ ତାହାର ଚରିତ୍ରର ଅନ୍ତର୍ଗତ । ଚରିତ୍ରରେ ସ୍ଥିତି, ଚରିତ୍ରରେ ମୁକ୍ତି ଅର୍ଥାତ୍ ମାନବ ଜୀବନର ସାର୍ଥକତା । ମନୁଷ୍ୟର ଆଉ କି ବଳ ଲୋଡ଼ା ? ଶରୀର ମନର ଅଧୀନ । କ୍ରିୟା ଇଚ୍ଛାର ଦାସ । ଶରୀର ବଳ, ବଳ ନୁହେଁ । ଶାରୀରିକ କର୍ମ କର୍ମ ନୁହେଁ । ସବୁ ବଳର ଆଧାର ମନରେ । କାର୍ଯ୍ୟ ହିଁ ବଳର ଅଭିବ୍ୟକ୍ତି । କାର୍ଯ୍ୟର କେନ୍ଦ୍ର ଇଚ୍ଛାରେ । ଇଚ୍ଛା ମନର ଏକ ବିକାଶ । ସେହି ମନର ବଳରେ ସେହି ଇଚ୍ଛାର ପ୍ରଭାବରେ ସାଂଘାତିକ ଆଘାତ ପାଇ ମଧ୍ୟ ସୈନିକ ଜାଣି ନ ପାରି ଅନନ୍ତ ଉତ୍ସାହରେ ଯୁଦ୍ଧରେ ମାତି ରହିଥାଏ । ଯୋଗୀମାନେ ମଧ୍ୟ ସେହି ମନକୁ ଅଧୀନ କରିଥାନ୍ତି ବୋଲି ଶରୀରରେ ଉପଦ୍ରବ ହେଲେ ଜାଣି ପାରନ୍ତି ନାହିଁ । ତୁମ୍ଭେ ଜାଣିଥିବ, ବେଳେବେଳେ ଗଭୀର ଭାବରେ ଚିନ୍ତା କଲାବେଳେ, ଅମିତ ମନୋନିବେଶ ସହିତ ଅଙ୍କ କଷିଲାବେଳେ, ଚିମୁଟି ଦେଲେ ତୁମ୍ଭଙ୍କୁ ଜଣାପଡ଼େ ନାହିଁ । ଶରୀର ମନର ସମ୍ପୂର୍ଣ୍ଣ ଅଧୀନ ଓ ଦାସ । ଅଭ୍ୟାସରେ ଚରିତ୍ର ବଳରେ ତାହା ସମ୍ୟକ୍ ରୂପେ ସିଦ୍ଧ କରି ନେବାକୁ ହୁଏ । ଚରିତ୍ର ଗଠିତ ହେଲେ ଏଥିରେ ଆଉ ଆୟାସ ବା ଅସୁବିଧା ରହେ ନାହିଁ ।

31. ଯୋଗୀମାନେ ଶରୀରରେ ଉପଦ୍ରବ ଜାଣିପାରନ୍ତି ନାହିଁ, କାରଣ –

(A) ସବୁବେଳେ ତପସ୍ୟା କରୁଥିବା ହେତୁ

(B) ଶାରୀରିକ କର୍ମ କରୁ ନଥିବା ହେତୁ

(C) ସେମାନଙ୍କର ଚରିତ୍ର ଉତ୍ତମ ହୋଇଥିବା ହେତୁ

(D) ସେମାନେ ମନକୁ ନିଜ ଆୟତ୍ତରେ ରଖିଥିବା ହେତୁ

32. ଏହି ଅନୁଚ୍ଛେଦଟିରେ 'ଇଚ୍ଛା' ସମ୍ପର୍କରେ କ'ଣ କୁହାଯାଇନାହିଁ ?

(A) କାର୍ଯ୍ୟର କେନ୍ଦ୍ର (B) ମନର ବିକାଶ

(C) କ୍ରିୟାର ଦାସ (D) କ୍ରିୟାକୁ ଦାସ କରିବା

33. ନିମ୍ନୋକ୍ତ ମଧ୍ୟରୁ କେଉଁଟିକୁ ଅଭ୍ୟାସରେ, ଚରିତ୍ର ବଳରେ ସମ୍ୟକ୍ ରୂପେ ସିଦ୍ଧ କରିନେବାକୁ ହୁଏ ?

(A) ମନକୁ ଶରୀରର ଅଧୀନ

(B) ଶରୀରକୁ ମନର ଅଧୀନ

(C) ଇଚ୍ଛାକୁ ସମ୍ପୂର୍ଣ୍ଣ ମୁକ୍ତି

(D) ଶାରୀରିକ ବଳକୁ କର୍ମରେ ରୂପାନ୍ତରିତ କରିବା

34. ଅଙ୍କ କଷିଲାବେଳେ ଚିମୁଟି ଦେଲେ ଆମ୍ଭଙ୍କୁ ଜଣାପଡ଼େ ନାହିଁ, କାରଣ –

(A) ଏକମନ ହୋଇ ଅଙ୍କ କଷୁ ଥିବାରୁ

(B) ଇଚ୍ଛା ଦ୍ୱାରା ଚାଳିତ ହୋଇ କର୍ମ କରୁଥିବାରୁ

(C) ଅଙ୍କ କଷିବାରେ ଜୀବନର ସାର୍ଥକତା ଥିବାରୁ

(D) ମନର ବିକାଶ ଘଟିଥିବାରୁ

35. ଏହି ଅନୁଚ୍ଛେଦଟିରେ 'ଆୟାସ' ଶବ୍ଦଟି କେଉଁ ଅର୍ଥରେ ପ୍ରୟୋଗ ହୋଇଛି ?

(A) ଯତ୍ନ (B) ଶ୍ରମ

(C) ଚେଷ୍ଟା (D) କ୍ଳାନ୍ତି

**କବିତାଟି ପାଠ କରି ନିମ୍ନଲିଖିତ ପ୍ରଶ୍ନ (ନଂ ୩୬ ରୁ ୪୦) ଗୁଡ଼ିକର ଉତ୍ତର ଦିଅ :**

ମନଯାର ବ୍ୟସ୍ତସଦା ପରସ୍ୱ ହରଣେ
ଧନଯାର ବିଦଳିତ ଗଣିକା ଚରଣେ
ଜୀବନ ଯା ଲକ୍ଷଲକ୍ଷ ଲୋକଙ୍କର ଭାର
ତା'କୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।

ବିଦ୍ୟା ଯାର ମୋଡୁଥାଏ ଧର୍ମନୀତି ମୁଣ୍ଡ
ବୁଦ୍ଧି ଯାର କରୁଥାଏ ଶତସତ୍ୟ ଗୁଣ୍ଡ
ଧନେ କ୍ରୀତ ହେଉଥାଏ ଯାହାର ବିଚାର
ତା'କୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।

ସୁବର୍ଣ୍ଣ ହରଣ କରି ତାମ୍ର କରେ ଦାନ
ଧନେ କରିଥାଏ ପ୍ରଭୁ ସନ୍ତୋଷ ବିଧାନ
ଢାଙ୍କିବାକୁ ଦୋଷଦିଏ ନାନା ଉପହାର
ତା'କୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।

ଭ୍ରମଣ ଖରଚ ପାଇଁ ପାଉଥାଏ ଭତା
ଖାଇଥାଏ ମୋଡ଼ି ଏଣେ ଦରିଦ୍ରର ମଥା
କରୁଥାଏ କ୍ଷମତାର ଅପବ୍ୟବହାର
ତା'କୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।

ବହିର୍ଗତ ହୋଇଥାଏ ଘରୁ ଶୂନ୍ୟ କରେ
ଶଗଡ଼ ଶଗଡ଼ ଦ୍ରବ୍ୟ ଆଣି ଘରେ ଭରେ
ସେହି ଦ୍ରବ୍ୟମାନ ପୁଣି ଦେଖାଏ ବଜାର
ତା'କୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।

36. ଧର୍ମନୀତି କାହାଦ୍ୱାରା ପ୍ରଭାବିତ ହେବା କଥା କବି କହିଛନ୍ତି ?

(A) ଧନ (B) ବୁଦ୍ଧି

(C) ବିଦ୍ୟା (D) କୌଣସିଟି ନୁହେଁ

37. ନିମ୍ନୋକ୍ତ ମଧ୍ୟରୁ କେଉଁଟି "ଜୀବନ ଯା ଲକ୍ଷ ଲକ୍ଷ ଲୋକଙ୍କର ଭାର" ପଂକ୍ତିଟିର ଅର୍ଥ ପ୍ରକାଶ କରୁଛି ?

(A) ଲକ୍ଷ ଲକ୍ଷ ଲୋକ ଯାହା ଉପରେ ନିର୍ଭର କରନ୍ତି

(B) ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଯାହାର ଜୀବନ ଭାର ସଦୃଶ ହୋଇଥାଏ

(C) ଯାହାକୁ ଲକ୍ଷ ଲକ୍ଷ ଲୋକେ ଦୀର୍ଘଦିନ ବଞ୍ଚିବା ପାଇଁ ପ୍ରାର୍ଥନା କରୁଥାନ୍ତି

(D) ଯିଏ ଲକ୍ଷ ଲକ୍ଷ ଲୋକଙ୍କର ଜୀବନ ପାଇଁ ପ୍ରାର୍ଥନା କରୁଥାଏ

38. ସଂସିତ କବିତାଟି ପଢ଼ାଇବା ଦ୍ୱାରା କେଉଁ ବିଶେଷ ଉଦ୍ଦେଶ୍ୟଟି ସାଧିତ ହେବ ବାଛ :

(A) ପ୍ରତ୍ୟହ ସମାଜରେ ଦୁର୍ନୀତି କରୁଥିବା ଲୋକଙ୍କ ସମ୍ପର୍କରେ ଅନ୍ୟମାନଙ୍କୁ ସଚେତନ କରାଇବା

(B) ଯିଏ ଧନ-ଉପହାର ଦିଏ ତା' ସମ୍ପର୍କରେ ସମସ୍ତଙ୍କୁ ଜଣାଇବା

(C) କ୍ଷମତାର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେବା

(D) ଧର୍ମାଧିକାରୀମାନଙ୍କୁ ସମାଜରେ ଉପଯୁକ୍ତ ସମ୍ମାନ ଦେବା

39. ନିମ୍ନ ବର୍ଣ୍ଣିତ କେଉଁ ଉପାୟଟି ଦୁର୍ନୀତିଗ୍ରସ୍ତ ଲୋକଟି ଆପଣେଇ ନଥାଏ ?
(A) ଧନଦ୍ୱାରା ଅନ୍ୟକୁ ପ୍ରଭାବିତ କରିବା
(B) ଦୋଷତ୍ରୁଟି ଲୁଚାଇବାକୁ ଉପହାର ଦେବା
(C) ମୂଲ୍ୟବାନ୍ ବସ୍ତୁ ରଖି ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟ ବସ୍ତୁ ପ୍ରଦାନ କରିବା
(D) ପ୍ରକୃତ ସତ୍ୟକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିବା

40. ଉକ୍ତ କବିତାଟି ନିମ୍ନୋକ୍ତ ମଧ୍ୟରୁ କେଉଁ ଶ୍ରେଣୀର ଅନ୍ତର୍ଗତ ?
(A) ପ୍ରଶସ୍ତିମୂଳକ ଗୀତିକବିତା (Ode)
(B) ଶୋକ ଗୀତିକା (Elegy)
(C) ଚାରଣ ଗୀତିକା (Ballad)
(D) ବ୍ୟଙ୍ଗାତ୍ମକ (Satire)

41. ସର୍ଜନାତ୍ମକ ଲିଖନ ପାଇଁ ନିମ୍ନୋକ୍ତ ପ୍ରସ୍ତାବିତ କାର୍ଯ୍ୟ ମଧ୍ୟରୁ କେଉଁଟି ଭିନ୍ନ ?
(A) ଚିତ୍ର ଦେଖି ଗପ ଲେଖିବା
(B) ଅନୁଚ୍ଛେଦଟିଏ ପଢ଼ି ସଂକ୍ଷେପରେ ଗୋଟିଏ ଦୁଇଟି ପ୍ରଶ୍ନର ଉତ୍ତର ଦେବା
(C) କେତୋଟି ଅସମ୍ପର୍କିତ ଶବ୍ଦମାନଙ୍କୁ ନେଇ ଅନୁଚ୍ଛେଦଟିଏ ଲେଖିବା
(D) କୌଣସି ଏକ ନାମକରଣକୁ ନେଇ ଗଳ୍ପ/କବିତା ଲେଖିବା

42. ଲିଖନ ଦକ୍ଷତା ବିକାଶ ପାଇଁ ନିମ୍ନୋକ୍ତ ମଧ୍ୟରୁ କେଉଁଟିକୁ ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରାଥମିକତା ଦେବା ଉଚିତ୍ ?
(A) ବର୍ଣ୍ଣାଶୁଦ୍ଧିକୁ ଗୁରୁତ୍ୱ ଦେବା ଉଚିତ୍
(B) ବାକ୍ୟର ଶୁଦ୍ଧତା ଉପରେ ଗୁରୁତ୍ୱ ଦେବା ଉଚିତ୍
(C) ବ୍ୟାକରଣଗତ ଦୋଷତ୍ରୁଟିକୁ ସୁଧାରିବା
(D) ଭାବର ସ୍ୱଚ୍ଛଳ ପ୍ରକାଶ ଓ ଯୁକ୍ତିଯୁକ୍ତତା ବାକ୍ୟ-ବାକ୍ୟ ମଧ୍ୟରେ ସମନ୍ୱୟ ରକ୍ଷାକରି ଲେଖିବାରେ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବା

43. "ସୂର୍ଯ୍ୟଙ୍କର ତିନୋଟି ପ୍ରତିଶବ୍ଦ ଲେଖି ବାକ୍ୟରେ ବ୍ୟବହାର କର ।" ଏହା କେଉଁ ପ୍ରକାର ପ୍ରଶ୍ନ ?
(A) ପୁନଃସଜ୍ଞୀକରଣ
(B) ନିର୍ଦ୍ଦିଷ୍ଟ ଉତ୍ତରମୂଳକ
(C) ସଂକ୍ଷିପ୍ତ ଉତ୍ତରମୂଳକ
(D) ସତ୍ୟାସତ୍ୟ

44. ଶିକ୍ଷା ବ୍ୟବସ୍ଥାର ପ୍ରଚଳିତ ଧାରାରେ ମୂଲ୍ୟାୟନ _____ ପ୍ରକାରର ହୋଇଥାଏ ।
(A) ୨ (ଦୁଇ) (B) ୩ (ତିନି)
(C) ୪ (ଚାରି) (D) ୫ (ପାଞ୍ଚ)

45. ବିଦ୍ୟାଳୟରେ ପ୍ରାଚୀରପତ୍ର (Wall Magazine) ପ୍ରକାଶ କରାଇବାଦ୍ୱାରା ବିଦ୍ୟାର୍ଥୀମାନଙ୍କର :
(A) ଲିଖନ ଦକ୍ଷତା ବୃଦ୍ଧି ପାଇବ
(B) ବର୍ଣ୍ଣାଶୁଦ୍ଧି ଦୂରୀଭୂତ ହେବ
(C) ସର୍ଜନାତ୍ମକ ଦିଗଟି ବିକସିତ ହେବ
(D) ବିଦ୍ୟାର୍ଥୀମାନେ ବିଦ୍ୟାନୁରାଗୀ ହେବେ

46. ମୂଲ୍ୟାୟନ କ୍ଷେତ୍ରରେ 'ପର୍ଯ୍ୟବେକ୍ଷଣ'ଟି ନିମ୍ନୋକ୍ତ କେଉଁ ଧାରାର ଅନ୍ତର୍ଗତ ?
(A) ଲିଖିତ (B) ସାକ୍ଷାତକାର
(C) ମୌଖିକ (D) କୌଣସିଟି ନୁହେଁ

47. କେଉଁଟି ସାମଗ୍ରିକ ମୂଲ୍ୟାୟନ (Summative Evaluation) ନୁହେଁ ?
(A) ଜ୍ଞାନାତ୍ମକ ଉଦ୍ଦେଶ୍ୟ (Knowledge based objective)
(B) ଅଭିବ୍ୟକ୍ତିମୂଳକ ଉଦ୍ଦେଶ୍ୟ (Expression based objecitive)
(C) ବୋଧାତ୍ମକ ଉଦ୍ଦେଶ୍ୟ (Understanding based objective)
(D) ପ୍ରବଣତା ପରୀକ୍ଷଣ (Proficiency test)

48. ମାତୃଭୂମି ମାତୃଭାଷାରେ ମମତା ଯାହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ !
ଉପରୋକ୍ତ କବିତା ପଂକ୍ତିଟିର ରଚୟିତା–
(A) କବିବର ରାଧାନାଥ ରାୟ
(B) ଭକ୍ତକବି ମଧୁସୂଦନ ରାଓ
(C) କୁଳବୃଦ୍ଧ ମଧୁସୂଦନ ଦାସ
(D) ସ୍ୱଭାବକବି ଗଙ୍ଗାଧର ମେହେର

49. ଔପନ୍ୟାସିକ ଗୋପୀନାଥ ମହାନ୍ତି ନିମ୍ନୋକ୍ତ କେଉଁ ପୁସ୍ତକ ପାଇଁ ଜ୍ଞାନପୀଠ ପୁରସ୍କାର ପାଇଥିଲେ ?
(A) ସୋପାଗଡ଼ା ଓ ଅନ୍ୟାନ୍ୟ ଗଳ୍ପ
(B) ଦାନାପାଣି
(C) ମାଟି ମଟାଳ
(D) ପରଜା

50. ''ସକଳ ରତ୍ନଙ୍କର ସାର
ଶସ୍ୟ-ସମ୍ପଦ ମଞ୍ଚପୁର''
କବିତାଂଶଟିରେ 'ମଞ୍ଚପୁର' ଶବ୍ଦଟିର ଅର୍ଥ –
(A) ସ୍ୱର୍ଗପୁର
(B) ମର୍ତ୍ତ୍ୟପୁର
(C) ପାତାଳପୁର
(D) ଶସ୍ୟ ଜଗିବା ପାଇଁ ନିର୍ମିତ ମଞ୍ଚା

51. କେଉଁଟି ଉତ୍ତମ ପାଠ୍ୟପୁସ୍ତକର ଲକ୍ଷ୍ୟ ନୁହେଁ ?
(A) ଶିଶୁ କୈନ୍ଦ୍ରିକତା
(B) ମୂଲ୍ୟବୋଧର ପ୍ରତିଫଳନ
(C) ଜାତୀୟ ଲକ୍ଷ୍ୟର ପ୍ରତିଫଳନ
(D) ବ୍ୟବସାୟମୁଖୀନତା

52. ରାମପ୍ରସାଦ ମହାନ୍ତି ନିମ୍ନୋକ୍ତ ମଧ୍ୟରୁ କେଉଁ ପତ୍ରିକାର ସମ୍ପାଦକ ଥିଲେ ?
(A) ଝଙ୍କାର (B) ଉତ୍କଳ ଦୀପିକା
(C) ଶିଶୁଲେଖା (D) ନବରବି

53. ''ମୁକ୍ତିଯୋଦ୍ଧା ଜୟୀ ରାଜଗୁରୁ'' ପ୍ରସଙ୍ଗଟି ପଢ଼ାଇବାର ନିମ୍ନୋକ୍ତ ମଧ୍ୟରୁ କେଉଁ ବିଶେଷ ଉଦ୍ଦେଶ୍ୟଟି ସାଧିତ ହେବ ?
(A) ଓଡ଼ିଶାର ବୀରମାନଙ୍କର କାହାଣୀ ଶୁଣିବେ
(B) ଭାରତୀୟ ମୁକ୍ତିଯୋଦ୍ଧା ଜୟୀ ରାଜଗୁରୁଙ୍କ ଅପୂର୍ବ ତ୍ୟାଗ ଓ ସାହସିକତା ସମ୍ପର୍କରେ ଜାଣିବେ
(C) ଖୋର୍ଦ୍ଧା ବିଷୟରେ ଜ୍ଞାନାର୍ଜନ କରିବେ
(D) ଇଂରେଜମାନଙ୍କ ଅତ୍ୟାଚାରକୁ ସ୍ମରଣକୁ ଆଣିବେ

54. ତୁମ ଅପେକ୍ଷା ସେ ଯଥେଷ୍ଟ ଆଗୁଆ ।
ବାକ୍ୟଟିରେ ଅପେକ୍ଷା ଶବ୍ଦଟି _____ ସୂଚକ ଅବ୍ୟୟ ।
(A) ବିଭକ୍ତି (B) ପଦାନ୍ୱୟୀ
(C) ସମ୍ବୋଧନ (D) ବୀପ୍‌ସାର୍ଥକ

55. ଉତ୍ପତ୍ତି ଦୃଷ୍ଟିରୁ ଆମ ଓଡ଼ିଆ ଭାଷାରେ _____ ପ୍ରକାର ପ୍ରାଥମିକ ଧାତୁ ବ୍ୟବହାର ହୋଇଥାଏ ।
(A) ୨ (ଦୁଇ) (B) ୪ (ଚାରି)
(C) ୬ (ଛଅ) (D) ୮ (ଆଠ)

56. 'ଛୋଟ ମୋର ଗାଁଟି' କବିତାଟି ପଢ଼ାଇବାର ସାମାନ୍ୟ ଉଦ୍ଦେଶ୍ୟ ନିମ୍ନୋକ୍ତ ମଧ୍ୟରୁ କିଏ ହୋଇପାରେ ?
(A) କବିତାରୁ ସୌନ୍ଦର୍ଯ୍ୟ ଉପଲବ୍ଧି
(B) 'ଷଠିଘର' ଭଳି ଶବ୍ଦମାନଙ୍କୁ ଜାଣିବା
(C) ଯେତେଦୂରରେ ଥିଲେ ମଧ୍ୟ ଗାଁକୁ ପ୍ରଣାମ କରିବା
(D) ଆଲୋକ ଓ ଅନ୍ଧକାର ମଧ୍ୟରେ ତୁଳନାତ୍ମକ ଚିତ୍ର ଆଙ୍କିବା

57. ''ସମ୍ବାଦପତ୍ର ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ'' । ଏହି ବାକ୍ୟରେ (ଚତୁର୍ଥ) ଶବ୍ଦଟି _____ ବାଚକ ବିଶେଷଣ ।
(A) ସଂଖ୍ୟା
(B) ପରିମାଣ
(C) ପୂରଣ
(D) ତୁଳନାତ୍ମକ

58. ନିମ୍ନୋକ୍ତ ମଧ୍ୟରୁ କେଉଁଟି 'ସମୂହ' ଅର୍ଥକୁ ପ୍ରକାଶ କରୁନାହିଁ ?
(A) ରାଜି (B) ଆବଳୀ
(C) ପୁଞ୍ଜ (D) କୁଞ୍ଜ

59. ହସ୍ତାକ୍ଷର ଲିଖନର ଉଦ୍ଦେଶ୍ୟ କ'ଣ ?
(A) ନିର୍ଭୁଲ ଲେଖିବା
(B) ନିର୍ଭୁଲ, ଯଥାସମ୍ଭବ ଗୋଲ ଓ ସୁନ୍ଦର କରି ଲେଖିବା
(C) ନିଜେ ପଢ଼ି ପାରୁଥିବା ଭଳି ଲେଖିବା
(D) ଗାର ଉପରେ ଲେଖିବା ଅଭ୍ୟାସ ଜାରି ରଖିବା

60. ଦୁଇଟି ସ୍ତମ୍ଭ ବା ବିଭାଗରେ ଦିଆଯାଇଥିବା ଶବ୍ଦପୁଞ୍ଜ ମଧ୍ୟରେ ସମ୍ପର୍କ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରଶ୍ନଟି ନିମ୍ନୋକ୍ତ ମଧ୍ୟରୁ କେଉଁ ବିଭାଗ ଅନ୍ତର୍ଭୁକ୍ତ ?
(A) ସତ୍ୟାସତ୍ୟ
(B) ମେଳକ
(C) ଦୃଷ୍ଟାନ୍ତ
(D) ବର୍ଗୀକରଣ

# ENGLISH

**Answer the following questions choosing the correct alternatives given (Q. Nos. 61 to 70)**

61. The Right of Children to Free and Compulsory Education came into force in _____.

(A) 2008 (B) 2009

(C) 2010 (D) 2011

62. The NCF, 2005 aims at providing quality education to all the learners by :

(A) Connecting knowledge to life outside the school

(B) Ensuring learning to be shifted away from rote learning and making examinations more flexible.

(C) Enriching the curriculum for all round development of the learners.

(D) All of the above

63. Effective learning takes place when the learners are :

(A) passive

(B) quiet

(C) interactive

(D) good at preparing for the examination

64. Reading for comprehension and explanation in the 5E Model of teaching can be best achieved if ____ :

(A) learners speak words softly while reading

(B) learners read silently

(C) learners run a finger or a pencil under the line

(D) learners read the text loudly

65. The subskill of _____ is 'Skimming.:

(A) Reading (B) Writing

(C) Listening (D) Speaking

66. Some noise in a language class indicates _____.

(A) indiscipline of the learners

(B) teacher's inability to control the class

(C) constructive activities with the learners engaged in language activities

(D) incompetence of the teacher

67. For learning a language perfectly and scientifically the first two macro skills that a leaner should come across in the process are:

(A) reading and writing

(B) listening and speaking

(C) listening and reading

(D) speaking and writing

68. The terms like "Simile" and "Metaphor" are associated with :

(A) prose (B) poetry

(C) story (D) grammar

69. If RMSA: OMSM, SSA: _____ .

(A) DPC (B) T.E. & SCERT

(C) OPEPA (D) OSSA

70. Students need to brain storm ideas, organize them, draft, edit and revise their work. It is a process which reflects:

(A) reading skills (B) writing skills

(C) listening skills (D) speaking skills

**Read the paragraphs carefully and answer the following five questions (Q. Nos. 71 to 75) choosing the correct alternatives:**

Long-term prisoners are allowed to keep animals pets. The commonest pets were squirrels and mongooses. Dogs are not allowed in jails but cats seem to be encouraged. A little kitten made friends with me once. It belonged to a jail official and when he was transferred, he took it away with him. I missed it.

Once a jail official left behind a bitch. The poor thing became a homeless wanderer and starved. As I was kept in the lock-up outside the jail proper, she used to come to me begging for food. I began to feed her regularly and she gave birth to a litter of pups under a small bridge. Many of these were taken away, but three remained and I fed them. One of these pups fell ill and gave me a great deal of trouble.

Techofworld.In

71. The pets that are disallowed to the long term prisoners are _____ .

(A) squirrels (B) mongooses

(C) cats (D) dogs

72. The author missed friendship with a little kitten since :

(A) the little one died

(B) the little one was kept in the lock-up

(C) the little one went away with its master

(D) its master didn't allow their friendship

73. The poor thing that became homeless was a _____.

(A) dog (B) kitten

(C) bitch (D) mongoose

74. The author could feed the bitch regularly as he was kept:

(A) in the jail proper

(B) with the jailer

(C) outside the jail proper

(D) none of the above

75. I began to feed her regularly.

Here the underlined word is a / an _____.

(A) Noun (B) Pronoun

(C) Adjective (D) Adverb

**Read the poem carefully and answer the questions choosing the correct alternatives given (Q. Nos. 76 to 80):**

There dwelt a miller, hale and bold,
Beside the river Dee,
He wrought and sang from morn to night,
No lark more blithe than he
and this the burden of his song
For ever used to be,
"I envy nobody, no, not I,
And nobody envies me."
"Thou'rt wrong my friend !" said old king Hal
"Thour't wrong as wrong can be:
For, could my heart be light as thine,
I would gladly change with thee.
And tell me now what makes the sing
With voice so loud and free,
While I am sad, though I'm the king,
Beside the river Dee."
The Miller smiled and doffed his cap:
"I earn my bread," qouth he;
"I love my wife, I love my friends,
I love my children three;
I owe no penny, I can't pay,
I thank the river Dee,
That turns the mill that grinds the corn,
To feed my babes and me."

76. The Miller leads a quite happy life because:

(A) he earns his bread

(B) he loves his wife, children and friends

(C) he doesn't borrow any money

(D) all of the above

77. The Miller's song is compared to the song of:

(A) a bird (B) a singer

(C) king Hal (D) a musician

78. The Miller thanks the river Dee for:

(A) he lives beside the river

(B) it turns his mill

(C) he sails his boat there

(D) the river is very famous England

79. The king Hal envies the Miller of his:

(A) mill

(B) wife

(C) three children

(D) happy life

80. "The Miller smiled and doffed his cap."

In the above line the word 'doffed' means:

(A) removed

(B) put on

(C) threw

(D) burnt

**Answer the following questions choosing the correct alternatives given (Q.Nos. 81 to 90):**

81. While passing by, I heard a blind boy ____ a beautiful devotional song.

(A) sing (B) singing

(C) to sing (D) sung

82. Please meet me _____ .

(A) on Monday next week at 11.30 AM in my office

(B) at 11.30 AM on Monday in my office next week

(C) in my office at 11.30 AM on Monday next week

(D) at 11.30 AM next week in my office on Monday

83. Mrs Aishwarya Roy Bachan has ____ eyes.

(A) beautiful big blue
(B) beautiful blue big
(C) big beautiful blue
(D) blue big beautiful

84. Manasi, a friend of Lopa's died ____ an air crash last week.

(A) of (B) in
(C) from (D) by

85. The passive of:

"People say Netaji was brave".

(A) Netaji was said to be brave.
(B) Netaji was said to have been brave
(C) Netaji is said to be brave.
(D) Netaji is said to have been brave.

86. The indirect speech of:

"Let's stop here and rest for a while", Gomati said to her friends.

(A) Gomati suggested that we should stop here and rest for a while.
(B) Gomati suggested her friends that they should stop here and rest for a while.
(C) Gomati suggested her friends that they should stop there and rest for a while.
(D) Gomati suggested that we must stop here and rest for a while.

87. Had I had a lot of money, ____.

(A) I would buy a car
(B) I will by a car
(C) I will have bought a car
(D) I would have bought a car

88. One comes across a real good Hindi movie only once in a blue moon. The underlined phrase means :

(A) always
(B) rarely
(C) sometimes
(D) every month

89. Mr. Senapati was given a cold reception at the party. The underlined phrase means :

(A) a welcome lacking affection
(B) a good reception
(C) a reception with cold drinks
(D) a reception with a good humour

90. The meaning of "in the swim" is ____.

(A) to cross a river by boat
(B) to cross a river by swimming
(C) to be in a river
(D) knowing latest current things

## MATHEMATICS & SCIENCE

91. ଗୋଟିଏ ସଂଖ୍ୟାକୁ ସେହି ସଂଖ୍ୟାରେ 17 ଥର ଯୋଗ କଲେ ଯୋଗଫଳ 162 ହୁଏ । ତେବେ ସଂଖ୍ୟାଟି କେତେ ?

(A) 7 (B) 8
(C) 9 (D) 10

92. 30 ରୁ 60 ମଧ୍ୟବର୍ତ୍ତୀ ଯୌଗିକ ସଂଖ୍ୟାମାନଙ୍କର ସଂଖ୍ୟା ଓ ମୌଳିକ ସଂଖ୍ୟାମାନଙ୍କର ସଂଖ୍ୟା ଅପେକ୍ଷା କେତେ ବେଶି ?

(A) 15 (B) 16
(C) 17 (D) 18

93. $6x^3 - 2x + 3 = (2x + 5)(3x^2 - 2x + 3)$ ସମୀକରଣଟିର ଘାତ କେତେ ?

(A) 1 (B) 2
(C) 3 (D) 5

94. $5x - 12 = 8$ ର କେତୋଟି ମୂଳ ଅଛି ?

(A) 1 (B) 2
(C) 4 (D) 0

95. $4 + 3x + 2x^2 + x^3$ ରୁ $-x^3 + 2x^2 + 3x + 4$ ବିୟୋଗ କଲେ ବିୟୋଗ ଫଳ କେତେ ହେବ ?

(A) $6x$ (B) $4x^2$
(C) $2x^3$ (D) $-2x^2$

96. $a^4 = \frac{81}{625}$ ହେଲେ 'a' ର ମାନ କେତେ ?

(A) $\pm\frac{3}{5}$ (B) $\frac{3}{5}$
(C) $-\frac{3}{5}$ (D) 5

**97.** 'x' ର ଗୁଣନାତ୍ମକ ବିଲୋମିର ଯୋଗାତ୍ମକ ବିଲୋମି କେତେ ?

(A) $-x$  (B) $\frac{1}{x}$

(C) 1  (D) $-\frac{1}{x}$

**98.** $50 - 30 \div 10 + 8\left(5+\overline{2-1}\right)$ କୁ ସରଳ କଲାବେଳେ କେଉଁଟି ଦ୍ୱିତୀୟ ସୋପାନ ଅଟେ ?

(A) $30 \div 10$  (B) $3 + 8$

(C) $5 + 1$  (D) $50 - 5$

**99.** ଭାଜ୍ୟ = ଭାଜକ × ଭାଗଫଳ + ଭାଗଶେଷ, ଏଇଟିକୁ କେଉଁ ପଦ୍ଧତି କୁହାଯାଏ ?

(A) ନେପିରୀୟ ପଦ୍ଧତି

(B) ଅଏଲର୍ ପଦ୍ଧତି

(C) ଇଉକ୍ଲିଡୀୟ ପଦ୍ଧତି

(D) ରାମାନୁଜନ୍ ପଦ୍ଧତି

**100.** ଗୋଟିଏ ଦ୍ରବ୍ୟର ଲିଖିତ ମୂଲ୍ୟ ଉପରେ ରିହାତି ଦେଲାପରେ ବିକ୍ରିମୂଲ୍ୟ 96 ଟଙ୍କା ହୁଏ । ଦ୍ରବ୍ୟଟିର ଲିଖିତ ମୂଲ୍ୟ କେତେ ଟଙ୍କା ?

(A) 133

(B) 144

(C) 117

(D) ଏଥିରୁ କୌଣସିଟି ନୁହେଁ

**101.** ରାମ 3 ଟଙ୍କାରେ 7 ଟି ଲେମ୍ବୁ ଓ ଗୋପାଳ 41 ଟି ଲେମ୍ବୁକୁ 19 ଟଙ୍କାରେ କିଣିଲେ, ନିମ୍ନଲିଖିତ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଟି ପ୍ରଯୁଜ୍ୟ ?

(A) ରାମ ଶସ୍ତାରେ କିଣିଲା

(B) ଗୋପାଳ ଶସ୍ତାରେ କିଣିଲା

(C) ଉଭୟ ସମାନ ଦରରେ କିଣିଲେ


(D) ଏଥିମଧ୍ୟରୁ କୌଣସିଟି ନୁହେଁ

**102.** ଯଦି $3A = 5B$ ଏବଂ $4B = 6C$ ହୁଏ । ତେବେ A:C କେତେ ?

(A) 5 : 2  (B) 3 : 5

(C) 2 : 5  (D) 4 : 5

**103.** ଦତ୍ତ ଚିତ୍ରରେ EC || AB, $m\angle ECD = 70°$ ଏବଂ $m\angle BDO = 20°$ ତେବେ $m\angle OBD$ = କେତେ ?




(A) 20°  (B) 50°

(C) 60°  (D) 70°

**104.** ଗୋଟିଏ ତ୍ରିଭୁଜର ବହିଃସ୍ଥ କୋଣ ସଂଖ୍ୟା କେତେ ?

(A) 3  (B) 4

(C) 5  (D) 6

**105.** ଦୁଇଟି ବା ତହିଁରୁ ଅଧିକ ତ୍ରିଭୁଜର ଭୂମିମାନେ ଏକ ସରଳରେଖାରେ ରହିଲେ ଏବଂ ସେମାନଙ୍କର ଶୀର୍ଷବିନ୍ଦୁ ଅଭିନ୍ନ ହେଲେ, ତ୍ରିଭୁଜଗୁଡ଼ିକ :

(A) ସମଭୂମି ବିଶିଷ୍ଟ ହେବେ

(B) ସମକ୍ଷେତ୍ର ବିଶିଷ୍ଟ ହେବେ

(C) ସମ ଉଚ୍ଚତା ବିଶିଷ୍ଟ ହେବେ

(D) ସମ ମଧ୍ୟମା ବିଶିଷ୍ଟ ହେବେ

**106.** ଦୁଇଟି ସନ୍ନିହିତ କୋଣର କେତୋଟି ସାଧାରଣ ବାହୁ ଥାଏ ?

(A) 1  (B) 2

(C) 3  (D) ଆଦୌ ନଥାଏ

**107.** ଗୋଟିଏ ବୃତ୍ତର ଜ୍ୟା ଓ ତା'ର ସମ୍ପୃକ୍ତ ଚାପ ଦ୍ୱାରା ଗଠିତ ଚିତ୍ରକୁ କ'ଣ କୁହାଯାଏ ?

(A) ବୃତ୍ତକଳା  (B) ବୃତ୍ତଖଣ୍ଡ

(C) ବୃତ୍ତର ପରିଧି  (D) ଅର୍ଦ୍ଧବୃତ୍ତ

**108.** ABCD ଟ୍ରାପିଜିୟମ୍‌ରେ ଯଦି AB || CD ହୁଏ, ତେବେ $AC^2 + BD^2 = $ ?

(A) $BC^2 + AD^2 + 2BC.AD$

(B) $AB^2 + CD^2 + 2AB.CD$

(C) $AB^2 + CD^2 + 2AD.BC$

(D) $BC^2 + AD^2 + 2AB.CD$

**109.** ପାଞ୍ଚଟି ଅସମାନ୍ତର ସରଳରେଖା ପରସ୍ପରକୁ ସର୍ବାଧିକ କେତୋଟି ବିନ୍ଦୁରେ ଛେଦ କରିପାରିବେ ?

(A) 1  (B) 4

(C) 5  (D) 10

**110.** ନିମ୍ନଲିଖିତ ଚିତ୍ରଗୁଡ଼ିକ ମଧ୍ୟରୁ କେଉଁଟିର ପ୍ରତିସମ ଅକ୍ଷ ନାହିଁ ?

(A) ବିଷମବାହୁ ତ୍ରିଭୁଜ  (B) ଆୟତଚିତ୍ର

(C) ସାମାନ୍ତରିକ ଚିତ୍ର  (D) ବୃତ୍ତ

**111.** ନିମ୍ନୋକ୍ତ ମଧ୍ୟରୁ କେଉଁଟି ଗଠିତ ପାଠ୍ୟପୁସ୍ତକ ପ୍ରସ୍ତୁତି ନୀତି ଉପରେ ଆଧାରିତ ନୁହେଁ ?

(A) ବିଦ୍ୟାର୍ଥୀ କୈନ୍ଦ୍ରିକ

(B) ନମନୀୟ ଓ ଦୈନନ୍ଦିନ ଜୀବନ ସମ୍ପର୍କିତ

(C) ଅନ୍ୟାନ୍ୟ ପାଠ୍ୟ ବିଷୟ ସହ ସମନ୍ୱୟ

(D) ଅନମନୀୟ ପାଠ୍ୟ ବସ୍ତୁ

112. ''ଏକ ପରୀକ୍ଷଣ ଯେଉଁ ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥାଏ, ତାହା ସେହି ଉଦ୍ଦେଶ୍ୟ ପରିମାପ କରେ ।'' ଏହା ପରୀକ୍ଷଣର କେଉଁ ଗୁଣକୁ ସୂଚାଇଥାଏ ?

(A) ଉପଯୋଗିତା

(B) ବସ୍ତୁନିଷ୍ଠତା

(C) ବିଶ୍ୱସନୀୟତା

(D) ବୈଧତା

113. ପ୍ରାଥମିକ ବିଦ୍ୟାଳୟରେ ଗଣିତ ଶିକ୍ଷାଦାନର ପ୍ରାରମ୍ଭିକ ଅବସ୍ଥାରେ ଶିକ୍ଷାର୍ଥୀର କେଉଁ ଦକ୍ଷତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ?

(A) ସଂଖ୍ୟା ପରିଚିତି ଓ ଗଣନ

(B) ସଂଖ୍ୟା ଗୁଣନ ଓ ଭାଗକ୍ରିୟା

(C) ଗାଣିତିକ ସଂକେତର ପ୍ରୟୋଗ

(D) ଉଚ୍ଚତା ଓ ଓଜନର ପରିମାପ

114. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସର୍ବୋତ୍କୃଷ୍ଟ ଗାଣିତିକ ଦକ୍ଷତାର ସୂଚକ ?

(A) ଗାଣିତିକ ଲିଖନ

(B) ଗାଣିତିକ ସମସ୍ୟାର ବିଶ୍ଳେଷଣ

(C) ଗାଣିତିକ ଭାଷାକୁ ସାଙ୍କେତିକ ଭାଷାରେ ରୂପାନ୍ତରଣ

(D) ଗାଣିତିକ ସମାଧାନ ପ୍ରକ୍ରିୟାରେ ତ୍ରୁଟି ନିର୍ଣ୍ଣୟ ଓ ସଂଶୋଧନ

115. ଅନ୍ତର୍ନିହିତ ସଂରଚନା ଦୃଷ୍ଟିକୋଣରୁ କେଉଁଟି ଗଣିତ ଶିକ୍ଷାଦାନର ବୈଶିଷ୍ଟ୍ୟ ?

(A) ଶୃଙ୍ଖଳିତ ପ୍ରକାଶଭଙ୍ଗୀ

(B) ବିଷୟବସ୍ତୁର ଶୃଙ୍ଖଳିତ ଓ କ୍ରମାନୁସାର ସଜ୍ଜୀକରଣ

(C) ବିଷୟବସ୍ତୁଗୁଡ଼ିକର ପାରସ୍ପରିକ ସମ୍ପର୍କ

(D) ଉପରୋକ୍ତ ସମସ୍ତ

116. ଜଣେ ଛାତ୍ର ଊର୍ଦ୍ଧ୍ୱ କ୍ରମରେ ସଂଖ୍ୟାଗୁଡ଼ିକୁ ସଜାଇ ଲେଖି ପାରୁଛି । ଏହା ବିଦ୍ୟାର୍ଥୀର କେଉଁ ଦକ୍ଷତାକୁ ସୂଚାଉଛି ?

(A) ବଡ଼ ଓ ସାନ ସଂଖ୍ୟା ଚିହ୍ନିପାରୁଛି

(B) ବଡ଼ ଓ ସାନ ସଂଖ୍ୟା ପୃଥକ୍ କରିପାରୁଛି

(C) ବଡ଼ ଓ ସାନ ସଂଖ୍ୟାର କ୍ରମ ବୁଝିପାରୁଛି

(D) ବଡ଼ ଓ ସାନ ସଂଖ୍ୟା ଲେଖିପାରୁଛି

117. ଜଣେ ଛାତ୍ର ଭିନ୍ନ ଭିନ୍ନ ଆକାରରେ ଭିନ୍ନ ଭିନ୍ନ ବୃତ୍ତ ଅଙ୍କନ କରି ଦେଖିଲେ ଯେ, ପ୍ରତ୍ୟେକ ବୃତ୍ତର ବ୍ୟାସ କେନ୍ଦ୍ର ବିନ୍ଦୁକୁ ସ୍ପର୍ଶ କରୁଛି ଏବଂ ବୃତ୍ତର ବ୍ୟାସ ବ୍ୟାସାର୍ଦ୍ଧର ଦୁଇଗୁଣ । ଏହା ଗଣିତର କେଉଁ ପଦ୍ଧତିକୁ ସୂଚାଉଛି ?

(A) ଆରୋହ (B) ଅବରୋହ

(C) ବିଶ୍ଳେଷଣ (D) ସଂଶ୍ଳେଷଣ

118. ଉଚ୍ଚ ଶ୍ରେଣୀରେ ଜ୍ୟାମିତିକ ଯୁକ୍ତିମୂଳକ ପ୍ରମାଣ ନିମନ୍ତେ କେଉଁ ପଦ୍ଧତି ଉପଯୋଗ କରାଯାଇଛି ?

(A) ଆରୋହ (B) ଅବରୋହ

(C) ବିଶ୍ଳେଷଣ (D) ସମସ୍ୟା ସମାଧାନ

119. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଆରୋହ ପଦ୍ଧତିର ତ୍ରୁଟି ଅଟେ ?

(A) ସମସ୍ତ ଗାଣିତିକ ସମାଧାନ ପାଇଁ ଅନୁପଯୁକ୍ତ

(B) ସମୟସାପେକ୍ଷ ପଦ୍ଧତି

(C) ଭ୍ରମାତ୍ମକ ସିଦ୍ଧାନ୍ତ ସମ୍ଭାବନା

(D) ଉପରୋକ୍ତ ସମସ୍ତ

120. ଗଣେଶ ପୂଜା ପାଳନ ନିମନ୍ତେ ଶିକ୍ଷକ ଛାତ୍ରମାନଙ୍କ ପାଇଁ କେତେକ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ କଲେ । ନିମ୍ନୋକ୍ତ ମଧ୍ୟରୁ କେଉଁଟି ପ୍ରକଳ୍ପ କାର୍ଯ୍ୟ ସମ୍ପର୍କିତ ନୁହେଁ ?

(A) ସାଜସଜ୍ଜା କରିବା

(B) ଚାନ୍ଦା ଆଦାୟ କରିବା

(C) ପୂଜା ସାମଗ୍ରୀ କିଣିବା

(D) ଗଣେଶ ପୂଜା ବିଷୟରେ ରଚନା ଲେଖିବା

121. (a) ସମନ୍ୱିତ ପଦ୍ଧତିରେ ବିଜ୍ଞାନ ପାଠ୍ୟକ୍ରମ ପ୍ରସ୍ତୁତି ଥିମ୍ ଭିତ୍ତିକ ପଦ୍ଧତି ଅଟେ ।

(b) ସମନ୍ୱିତ ପଦ୍ଧତିରେ ପ୍ରସ୍ତୁତ ବିଜ୍ଞାନ ପାଠ୍ୟକ୍ରମ ଉଚ୍ଚ ପ୍ରାଥମିକ ସ୍ତରର / ଶ୍ରେଣୀର ବିଦ୍ୟାର୍ଥୀଙ୍କ ପାଇଁ ଉପଯୁକ୍ତ ଅଟେ ।

(c) ସମନ୍ୱିତ ପଦ୍ଧତିରେ ପ୍ରସ୍ତୁତ ବିଜ୍ଞାନ ପାଠ୍ୟକ୍ରମ ଉଚ୍ଚ ପ୍ରାଥମିକ ଶ୍ରେଣୀର ବିଦ୍ୟାର୍ଥୀଙ୍କ ପାଇଁ ଉପଯୁକ୍ତ ନୁହେଁ ।

(d) ବିଜ୍ଞାନ ବିଷୟବସ୍ତୁର ସମସ୍ତ ବିଭାଗକୁ ନେଇ ସମନ୍ୱିତ ପାଠ୍ୟକ୍ରମ ପ୍ରସ୍ତୁତି ସମ୍ଭବପର ନୁହେଁ ।

(A) (a) ଓ (b) ଠିକ୍ ଏବଂ (c) ଓ (d) ଭୁଲ୍

(B) (c) ଓ (d) ଠିକ୍ ଏବଂ (a) ଓ (b) ଭୁଲ୍

(C) (a) ଓ (c) ଠିକ୍ ଏବଂ (b) ଓ (d) ଭୁଲ୍

(D) (b) ଓ (d) ଠିକ୍ ଏବଂ (a) ଓ (c) ଭୁଲ୍

122. କେଉଁଟି ଅନ୍ୟ ତିନୋଟିଠାରୁ ଭିନ୍ନ ?

(A) ଚୂନ (B) ଶମିତ ଚୂନ

(C) କଳିଚୂନ (D) ଚୂନ ପଥର

123. କେଉଁ କେଉଁ ଦର୍ପଣରେ ସମାନ ଆକାର ଓ ଆକୃତି ବିଶିଷ୍ଟ ଆଭାସୀ ପ୍ରତିବିମ୍ବ ଗଠିତ ହୋଇଥାଏ ?

(A) କେବଳ ସମତଳ ଦର୍ପଣରେ

(B) ଉଭୟ ସମତଳ ଓ ଅବତଳ ଦର୍ପଣରେ

(C) ଉଭୟ ସମତଳ ଓ ଉତ୍ତଳ ଦର୍ପଣରେ

(D) ସମତଳ, ଅବତଳ ଓ ଉତ୍ତଳ - ଏ ସମସ୍ତ ଦର୍ପଣରେ

124. ଫଳପ୍ରଦ ବିଜ୍ଞାନ ଶିକ୍ଷାଦାନ ଓ ଶିକ୍ଷଣ ନିମିତ୍ତ :

(A) ଆବଶ୍ୟକୀୟ ଉପକରଣ ଥିବା ବିଜ୍ଞାନାଗାର ଆବଶ୍ୟକ ।

(B) ଉପାୟବନ୍ତ (ଯତ୍ନଶୀଳ) ଶିକ୍ଷକ ଆବଶ୍ୟକ ।

(C) ଶିକ୍ଷକ ଓ ବିଦ୍ୟାର୍ଥୀ ଅନୁପାତ କମ୍ ହେବା ଆବଶ୍ୟକ ।

(D) ଯଥେଷ୍ଟ ସଂଖ୍ୟକ ସହାୟକ ପୁସ୍ତକ ଥିବା ଆବଶ୍ୟକ ।

ଉପରୋକ୍ତ ପ୍ରତ୍ୟେକର ଗୁରୁତ୍ୱକୁ ବିଚାର କରି ନିମ୍ନୋକ୍ତ ମଧ୍ୟରୁ କେଉଁ କ୍ରମଟି ଠିକ୍ ?

(A) abcd (B) bcad

(C) badc (D) acdb

125. କ୍ୟୁପ୍ରିକ୍ ନାଇଟ୍ରେଟ୍‌ର ଦୁଇଟି ଅଣୁରେ ମୋଟ ଯେଉଁ ସଂଖ୍ୟକ ପରମାଣୁ ଅଛି, ନିମ୍ନୋକ୍ତ କେଉଁଟିରେ ମୋଟ ସେହି ସଂଖ୍ୟକ ପରମାଣୁ ଅଛି ?

(A) ଏମୋନିୟମ୍ ସଲ୍‌ଫେଟ୍‌ର ଗୋଟିଏ ଅଣୁ

(B) ଏଲୁମିନିୟମ୍ କାର୍ବୋନେଟ୍‌ର ଗୋଟିଏ ଅଣୁ

(C) ସୋଡ଼ିୟମ୍ ବାଇକାର୍ବୋନେଟ୍‌ର ତିନୋଟି ଅଣୁ

(D) ପୋଟାସିୟମ୍ କ୍ଲୋରେଟ୍‌ର ଚାରୋଟି ଅଣୁ

26. ଗୋଟିଏ ଘରେ ପ୍ରତ୍ୟେକ 40 W ର ଦୁଇଟି ବିଦ୍ୟୁତ୍ ବଲ୍‌ବ ଓ ପ୍ରତ୍ୟେକ 60W ର ଦୁଇଟି ବିଦ୍ୟୁତ୍ ପଙ୍ଖା ଦିନକୁ 5 ଘଣ୍ଟା ଲେଖାଏଁ ଏକକାଳୀନ ବ୍ୟବହୃତ ହେଲେ ଏପ୍ରିଲ୍ ମାସରେ କେତେ ୟୁନିଟ୍ ବିଦ୍ୟୁତ୍ ଶକ୍ତି ବ୍ୟୟିତ ହେବ ?

(A) 15 (B) 20

(C) 30 (D) 40

127. ବିଜ୍ଞାନ ସମ୍ବନ୍ଧୀୟ ଅନୁଧ୍ୟାନ କ୍ଷେତ୍ରରେ :

(a) ନିଜେ ଲିପିବଦ୍ଧ କରିଥିବା ତଥ୍ୟକୁ ଭିତ୍ତିକରି ସିଦ୍ଧାନ୍ତ ନେଇ ହେବ ।

(b) ନିଜର ବନ୍ଧୁମାନେ ଲିପିବଦ୍ଧ କରିଥିବା ତଥ୍ୟକୁ ଭିତ୍ତିକରି ସିଦ୍ଧାନ୍ତ ନେଇ ହେବ ।

(c) ବିଶେଷଜ୍ଞମାନଙ୍କ ଦ୍ୱାରା ଲିପିବଦ୍ଧ ତଥ୍ୟକୁ ଭିତ୍ତିକରି ସିଦ୍ଧାନ୍ତ ନେଇ ହେବ ।

ନିମ୍ନୋକ୍ତ ମଧ୍ୟରୁ କେଉଁଟି ଉଚିତ୍ ପଦକ୍ଷେପ ହେବ ?

(A) କେବଳ(a) (B) କେବଳ(c)

(C) ଉଭୟ (a) ଓ (c) (D) ଉଭୟ (a) ଓ (b)

128. କେଉଁଟି ଠିକ୍ ନୁହେଁ ?

(A) ନ୍ୟଷ୍ଟି-ଗୁଣସୂତ୍ର-ଜିନ୍

(B) ଜୀବକୋଷ-ପ୍ରୋଟୋପ୍ଲାଜମ୍-ନ୍ୟଷ୍ଟି

(C) ଜୀବକୋଷ-କୋଷଝିଲ୍ଲୀ-ସାଇଟୋପ୍ଲାଜମ୍

(D) ଜୀବକୋଷ-ସାଇଟୋପ୍ଲାଜମ୍-ନ୍ୟଷ୍ଟି

129. (a) ପ୍ରତୀକ, କେବଳ ମୌଳିକ ପାଇଁ ପ୍ରଯୁଜ୍ୟ ।

(b) ସଙ୍କେତ, କେବଳ ଯୌଗିକ ପାଇଁ ପ୍ରଯୁଜ୍ୟ ।

(A) (a) ଠିକ୍ ଏବଂ (b) ଭୁଲ୍

(B) (b) ଠିକ୍ ଏବଂ (a) ଭୁଲ୍

(C) ଉଭୟ (a) ଓ (b) ଠିକ୍

(D) ଉଭୟ (a) ଓ (b) ଭୁଲ୍

130. କେଉଁ ମାନର ବଟକରାଟି ଦୋକାନଗୁଡ଼ିକରେ ଉପଲବ୍ଧ ନୁହେଁ ?

(a) 100 ଗ୍ରାମ୍ (b) 200 ଗ୍ରା.

(c) 250 ଗ୍ରାମ୍ (d) 500 ଗ୍ରାମ୍

ଏହା ଏକ –

(A) ଜ୍ଞାନଭିତ୍ତିକ ପ୍ରଶ୍ନ (B) ବୋଧଭିତ୍ତିକ ପ୍ରଶ୍ନ

(C) ପ୍ରୟୋଗଭିତ୍ତିକ ପ୍ରଶ୍ନ (D) କୌଶଳଭିତ୍ତିକ ପ୍ରଶ୍ନ

131. ନିମ୍ନୋକ୍ତ କେଉଁ କ୍ଷେତ୍ରରେ ଏକ ଭିନ୍ନ ଧରଣର ପରିବର୍ତ୍ତନ ଘଟେ ?

(A) ଜଳରେ ଚୂନ ମିଶାଇଲେ

(B) ଜଳରେ ସୋଡ଼ିୟମ୍ କ୍ଲୋରାଇଡ୍ ମିଶାଇଲେ

(C) ଜଳରେ ଘନ ସଲ୍‌ଫୁରିକ୍ ଅମ୍ଳ ମିଶାଇଲେ

(D) ଜଳରେ ଗ୍ଲୁକୋଜ୍ ମିଶାଇଲେ

132. ନିମ୍ନୋକ୍ତ କେଉଁ କ୍ଷେତ୍ରରେ ଅବତଳ ଦର୍ପଣରେ ସଳଖ ପ୍ରତିବିମ୍ବ ଗଠିତ ହୋଇଥାଏ ? ଯେତେବେଳେ ବସ୍ତୁ :

(A) C ରେ ଥାଏ (B) C ଓ F ମଧ୍ୟରେ ଥାଏ

(C) F ରେ ଥାଏ (D) F ଓ P ମଧ୍ୟରେ

133. (a) ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ

(b) ପ୍ରତ୍ୟାଶିତ ଆଚରଣଗତ ପରିବର୍ତ୍ତନ

(c) ନିର୍ଦ୍ଦିଷ୍ଟ ଶିକ୍ଷାଦାନ ଲକ୍ଷ୍ୟ

(A) (a) ଓ (b) ଏକା ଅଟେ ଏବଂ (c) ଭିନ୍ନ ଅଟେ

(B) (a), (b) ଓ (c) ପରସ୍ପରଠାରୁ ଭିନ୍ନ

(C) (a), (b) ଓ (c) ଏକା ଅଟନ୍ତି

(D) (a) ଓ (c) ଏକା ଅଟେ ଏବଂ (b) ଭିନ୍ନ ଅଟେ

134. କେଉଁଟି ଅନ୍ୟ ତିନୋଟିଠାରୁ ଭିନ୍ନ ?

(A) ଲାଳ ଗ୍ରନ୍ଥି (B) ପିଟ୍ୟୁଟାରି ଗ୍ରନ୍ଥି

(C) ସ୍ୱେଦ ଗ୍ରନ୍ଥି (D) ତୈଳ ଗ୍ରନ୍ଥି

135. ରାସାୟନିକ ସମୀକରଣଗୁଡ଼ିକରେ ନିମ୍ନମୁଖୀ ତୀର ଚିହ୍ନ ଏବଂ ଉର୍ଦ୍ଧ୍ୱମୁଖୀ ତୀର ଚିହ୍ନ :

(a) କେବଳ ପ୍ରତିକାରକଗୁଡ଼ିକର କଡ଼ରେ ଲେଖାଯାଏ

(b) କେବଳ ଉତ୍ପାଦଗୁଡ଼ିକର କଡ଼ରେ ଲେଖାଯାଏ ।

(c) ଉଭୟ ପ୍ରତିକାରକ ଓ ଉତ୍ପାଦଗୁଡ଼ିକର କଡ଼ରେ ଲେଖାଯାଏ

(A) (a) ଠିକ୍ ଏବଂ (b) ଓ (c) ଭୁଲ୍

(B) (b) ଠିକ୍ ଏବଂ (a) ଓ (c) ଭୁଲ୍

(C) (c) ଠିକ୍ ଏବଂ (a) ଓ (b) ଭୁଲ୍

(D) ଉପରୋକ୍ତ (a), (b) ଓ (c) ଭଳି କୌଣସି ନିୟମ ନାହିଁ

136. (a) ଗଠନକ୍ଷମ (ଗଠନାତ୍ମକ) ମୂଲ୍ୟାୟନ ଶିକ୍ଷାଦାନର ଦୁର୍ବଳ ବିନ୍ଦୁଗୁଡ଼ିକୁ ଚିହ୍ନଟ କରିଥାଏ ।

(b) ଗଠନକ୍ଷମ ମୂଲ୍ୟାୟନ ଶିକ୍ଷଣର ଦୁର୍ବଳ ବିନ୍ଦୁଗୁଡ଼ିକୁ ଚିହ୍ନଟ କରିଥାଏ ।

(c) ଗଠନକ୍ଷମ ମୂଲ୍ୟାୟନ ଦ୍ୱାରା ସମୟର ଅଯଥା ଅପଚୟ ହୋଇଥାଏ ।

(d) ସାମଗ୍ରିକ ମୂଲ୍ୟାୟନ ବ୍ୟବସ୍ଥା ଥିବା ବେଳେ ଗଠନକ୍ଷମ ମୂଲ୍ୟାୟନର କୌଣସି ଆବଶ୍ୟକତା ନାହିଁ ।

(A) (a) ଓ (b) ଠିକ୍ ଏବଂ (c) ଓ (d) ଭୁଲ୍

(B) (c) ଓ (d) ଠିକ୍ ଏବଂ (a) ଓ (b) ଭୁଲ୍

(C) (d) ଠିକ୍ ଏବଂ (a), (b) ଓ (c) ଭୁଲ୍

(D) (b) ଠିକ୍ ଏବଂ (a), (c) ଓ (d) ଭୁଲ୍

137. ଗୋଟିଏ ମଟରକାରର ପ୍ରାରମ୍ଭିକ ପରିବେଗ 25 $ms^{-1}$ ଥିଲା । ବ୍ରେକ୍ ପ୍ରୟୋଗ କରିବାରୁ କାରଟି 2 ସେକେଣ୍ଡରେ ସ୍ଥିରାବସ୍ଥାକୁ ଆସିଲା । କାରଟିର ତ୍ୱରଣ କେତେ ଥିଲା ?

(A) 12.5 $ms^{-2}$ (B) – 12.5 $ms^{-2}$

(C) 25 $ms^{-2}$ (D) – 25 $ms^{-2}$

138. $XY_2$ ଏକ ଯୌଗିକର ସଙ୍କେତ ଅଟେ, ଯେଉଁଥିରେ X ଏକ ଧାତୁ ଏବଂ Y ଏକ ଅଧାତୁ ଅଟେ । Y ଓ X ର ଯୋଜ୍ୟତା ଯଥାକ୍ରମେ :

(a) 1 ଓ 2 ହୋଇପାରେ

(b) 2 ଓ 1 ହୋଇପାରେ

(c) 3 ଓ 6 ହୋଇପାରେ

(d) 4 ଓ 2 ହୋଇପାରେ

(A) (a) ଓ (c) ଏବଂ (b) ଓ (d) ଭୁଲ୍

(B) (b) ଓ (d) ଠିକ୍ ଏବଂ (a) ଓ (c) ଭୁଲ୍

(C) (a) ଠିକ୍ ଏବଂ (b), (c) ଓ (d) ଭୁଲ୍

(D) (b) ଠିକ୍ ଏବଂ (a), (c) ଓ (d) ଭୁଲ୍

139. କେଉଁ ପଦ୍ଧତିରେ ବିଦ୍ୟାର୍ଥୀଙ୍କୁ ନୂତନ ଜ୍ଞାନ ଆବିଷ୍କାର ଓ ଗଠନ କରିବା ପାଇଁ ଅଧିକ ସୁଯୋଗ ଉପଲବ୍ଧ ହୋଇଥାଏ ?

(A) ପ୍ରୋଜେକ୍ଟ ପଦ୍ଧତି

(B) ସମସ୍ୟା ସମାଧାନମୂଳକ ପଦ୍ଧତି

(C) ବିଜ୍ଞାନାଗାର ପଦ୍ଧତି

(D) ପ୍ରଦର୍ଶନ ପଦ୍ଧତି

140. ରୋଗର କାରକକୁ ଭିତ୍ତିକରି କେଉଁଟି ଅନ୍ୟ ତିନୋଟିଠାରୁ ଭିନ୍ନ ?

(A) ପୋଲିଓ (B) ଆମାଶୟ

(C) ହାଡ଼ଫୁଟି (D) ହେପାଟାଇଟିସ୍-B

141. କେଉଁଟିର ଏକକ ଅନ୍ୟ ତିନୋଟିର ଏକକଠାରୁ ଭିନ୍ନ ?

(A) ଚାପ (B) ବଳ

(C) ସଂଘାତ (D) ପ୍ଲବତା

142. ବିଜ୍ଞାନ ମତ ଅନୁଯାୟୀ ନିରାପଦ ପାନୀୟ ଜଳ ପାଇବା ପାଇଁ ନିମ୍ନୋକ୍ତ ମଧ୍ୟରୁ କେଉଁ ପଦ୍ଧତିଟି ଉତ୍କୃଷ୍ଟତର ?

(a) ଜଳକୁ ଫୁଟାଇ ସାରି ଛାଣିବା

(b) ଜଳକୁ ଛାଣି ସାରି ଫୁଟାଇବା

(c) ଜଳକୁ ଛାଣି ସାରି ଫୁଟାଇବା ପରେ ପୁଣି ଛାଣିବା

(d) ଜଳରେ କ୍ଲୋରିନ୍ ବଟିକା ପକାଇ ପିଇ ପାରିବ

ଏହା ଏକ :

(A) ଜ୍ଞାନଭିତ୍ତିକ ପ୍ରଶ୍ନ

(B) ବୋଧଭିତ୍ତିକ ପ୍ରଶ୍ନ

(C) ପ୍ରୟୋଗଭିତ୍ତିକ ପ୍ରଶ୍ନ

(D) କୌଶଳଭିତ୍ତିକ ପ୍ରଶ୍ନ

143. ସବଳକ୍ଷାର ଓ ଦୁର୍ବଳ ଅମ୍ଳର ଯୋଡ଼ା କେଉଁଟି ?


(A) NaOH & HCl

(B) KOH & $H_2SO_4$

(C) $NH_4OH$ & $H_2CO_3$

(D) $Ca(OH)_2$ & $H_2SO_3$

144. ତଳେ ଦିଆଯାଇଥିବା ପରିପଥରେ A ଓ B ବିନ୍ଦୁ ମଧ୍ୟରେ ସମୂହ (ପରିଣାମୀ) ପ୍ରତିରୋଧ କେତେ ହେବ ?




(A) $\frac{1}{6}$ ଓମ୍ (B) $\frac{5}{6}$ ଓମ୍

(C) 2 ଓମ୍ (D) 3 ଓମ୍

145. ଭାରତର ସାଧାରଣ ବିଦ୍ୟାଳୟଗୁଡ଼ିକର ଉଚ୍ଚ ପ୍ରାଥମିକ ଶ୍ରେଣୀଗୁଡ଼ିକରେ ବିଜ୍ଞାନ ଶିକ୍ଷାଦାନ ନିମିତ୍ତ ନିମ୍ନୋକ୍ତ ମଧ୍ୟରୁ କେଉଁ ଶିକ୍ଷାଦାନ ପଦ୍ଧତିଟି ବାଞ୍ଛନୀୟ ?

(A) ବିଜ୍ଞାନାଗାର ପଦ୍ଧତି

(B) ପ୍ରଦର୍ଶନ ପଦ୍ଧତି

(C) ପ୍ରୋଜେକ୍ଟ ପଦ୍ଧତି

(D) ସମସ୍ୟା ସମାଧାନମୂଳକ ପଦ୍ଧତି

146. କେଉଁଗୁଡ଼ିକ ଭିନ୍ନ ଶ୍ରେଣୀଭୁକ୍ତ ?

(A) ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ

(B) ଗ୍ୟାସ୍ ଜିଆଣ୍ଟ୍ ସମୂହ

(C) ଅନ୍ତଃଗ୍ରହ ସମୂହ

(D) ପାର୍ଥିବ ଗ୍ରହ ସମୂହ

147. ପାର୍ଶ୍ୱ ବିସ୍ଥାପନର ମାତ୍ରା :

(A) କେବଳ ଆପତନ କୋଣ ଉପରେ ନିର୍ଭରଶୀଳ

(B) କେବଳ ମାଧ୍ୟମଗୁଡ଼ିକର ପ୍ରକୃତି ଉପରେ ନିର୍ଭରଶୀଳ

(C) ଉଭୟ ଆପତନ କୋଣ ଏବଂ ମାଧ୍ୟମଗୁଡ଼ିକର ପ୍ରକୃତି ଉପରେ ନିର୍ଭରଶୀଳ

(D) ଉପରୋକ୍ତ କୌଣସିଟି ଉପରେ ନିର୍ଭରଶୀଳ ନୁହେଁ

148. (a) କପଡ଼ା ଦୋକାନଗୁଡ଼ିକରେ ମିଟର୍ ଓ ସେ.ମି. ଏକକ ବ୍ୟବହୃତ ହୁଏ ।

(b) ଚାଉଳ, ଗହମ, ଚିନି ଆଦି ପାଇକାରୀ ଦୋକାନଗୁଡ଼ିକରେ କ୍ୱିଣ୍ଟାଲ ଓ କି.ଗ୍ରା. ଏକକ ବ୍ୟବହୃତ ହୁଏ ।

(c) ସୁନା, ରୁପା ଆଦିର ଅଳଙ୍କାର ଦୋକାନଗୁଡ଼ିକରେ ଗ୍ରାମ୍ ଓ ମି. ଗ୍ରା ଏକକ ବ୍ୟବହୃତ ହୁଏ ।

(d) ଖୁଚୁରା ସଉଦା ଓ ପରିବା ଦୋକାନଗୁଡ଼ିକରେ କି.ଗ୍ରା. ଓ ଗ୍ରାମ୍ ଏକକ ବ୍ୟବହୃତ ହୁଏ ।

(A) ଜ୍ଞାନଭିତ୍ତିକ (B) ବୋଧଭିତ୍ତିକ

(C) ପ୍ରୟୋଗଭିତ୍ତିକ (D) କୌଶଳଭିତ୍ତିକ

149. କେଉଁଟି ଅନ୍ୟ ତିନୋଟିଠାରୁ ଭିନ୍ନ ଶ୍ରେଣୀଭୁକ୍ତ ?

(A) ଏମିବା

(B) ପ୍ଲାସମୋଡିୟମ୍

(C) ପାରାମିସିୟମ୍

(D) ପେନ୍ସିଲିୟମ୍

150. ନିମ୍ନୋକ୍ତ କାହା ଯୋଗୁଁ ଏଡ୍ସ ହୁଏ ?

(A) ବ୍ୟାକ୍ଟେରିଆ

(B) ଭୂତାଣୁ

(C) ଜୀବାଣୁ

(D) ଆଦିପ୍ରାଣୀ